بسم الله الرحمن الرحيم

**୨୮ ଅପ୍ରେଲ୍ ୨୦୨୩ ଖୁତ୍‌ବା ଜୁମାର ସାରାଂଶ**
**ସ୍ଥାନ - ମସଜିଦ ମୁବାରକ୍ ଇସଲାମାବାଦ୍, ଲଣ୍ଡନ୍**

**ହଜରତ ମସିହ ମଉଦ୍ [ଅ.ସ]ଙ୍କ ପବିତ୍ର ଉପଦେଶାବଳୀ ପ୍ରକାଶରେ ବିପତ୍ତି ଓ ଦୁଃଖକଷ୍ଟ ସମୟରେ ଧୈର୍ଯ୍ୟ ରକ୍ଷା କରିବାକୁ ହଜୁର ଅନଓ୍ୱର [ଅ.ବ]ଙ୍କର ଉଦ୍‌ବୋଧନ । ଯଦି ପ୍ରତ୍ୟେକ ଅହେମଦି ନିଜର ମୂଲ୍ୟବୋଧ ଓ କର୍ତ୍ତବ୍ୟକୁ ବୁଝିନିଅନ୍ତି ତେବେ ଅନେକ ସମସ୍ୟାର ସମାଧାନ ଆମ ଉତ୍ତମ ଆଚରଣ ଓ ଦୁଆ କରିବା ଫଳରେ ହିଁ ହୋଇଯିବ ।**

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱହ୍‌ଦହୁ ଲାଶରିକା ଲହୁ ଓ୍ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ ଅମ୍ମା ବାଦ୍‌ଫଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍ ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ଓ୍ୱ ଇୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ଓ୍ୱଲଜ୍ୱାଲ୍‌ଲିନ୍

ତଶହୁଦ୍, ତଉଜ୍ ଓ ସୁରଃ ଫାତିହାର ଆବୃତ୍ତି କରିବା ପରେ ହଜୁର ଅନଓ୍ୱର[ଅ.ବ] କହିଲେ; ଅନେକ ଲୋକ ଅତି ଆବେଗପୂର୍ଣ୍ଣ ପ୍ରାମାଣ୍ୟ ସହିତ ମୋତେ ପତ୍ର ଲେଖିଥାନ୍ତି ଯେ ପାକିସ୍ତାନ ଅବା ଅନ୍ୟ ଯେକୌଣସି ସ୍ଥାନରେ ଜମାଅତର ଶୋଚନୀୟ ଅବସ୍ଥା ପ୍ରସଙ୍ଗରେ ଆମମାନଙ୍କୁ ଧୈର୍ଯ୍ୟ ରକ୍ଷା କରିବା ପରିବର୍ତ୍ତେ କିଛି ପ୍ରତିକ୍ରିୟା ମଧ୍ୟ ପ୍ରଦର୍ଶନ କରିବା ଉଚିତ୍ । ପୁନଶ୍ଚ ସେମାନେ ହଜରତ ମୁସଲେହ ମଉଦ [ର.ଅ]ଙ୍କ ଉଦାହରଣ ମଧ୍ୟ ଦେଇଥାନ୍ତି ଯେ କେତେକ ସ୍ଥାନରେ ଆପଣ[ର.ଅ] ଏହାର ଅନୁମତି ପ୍ରଦାନ କରିଛନ୍ତି । ଏହା ସମ୍ପୂର୍ଣ୍ଣ ତ୍ରୁଟିପୂର୍ଣ୍ଣ ଯାହାକି ଆପଣ [ର.ଅ]ଙ୍କ ଆଡ଼କୁ ଇଙ୍ଗିତ କରାଯାଉଛି । ଏକଥା ସତ ଯେ, ଆପଣ[ର.ଅ] ଆଇନ ପରିସର ମଧ୍ୟରେ ରହି କେତେକ ବିଷୟ ଆଲୋଚନା କରିଥିଲେ । କିନ୍ତୁ ବିନା ବିଚାର କରି ବୁଲ୍‌ଓ୍ୱାଇମାନଙ୍କ ପରି ଶୋଭାଯାତ୍ରାରେ ବାହାରିବାର ଆପଣ କଦାପି ଅନୁମତି ଦେଇ ନାହାନ୍ତି । ଯଦି କୌଣସି ସ୍ଥାନରେ କଦାଚିତ ବିରୋଧ ପ୍ରଦର୍ଶନ ହୋଇଥିଲା ତେବେ ତାହା ଉପସ୍ଥିତ ଖଲିଫାଙ୍କ ଅନୁମତିକ୍ରମେ ହୋଇଥିଲା । ଏପରି ନୁହେଁ କି ଯେକେହି ଛିଡ଼ା ହୋଇ କର୍ମକର୍ତ୍ତାମାନଙ୍କୁ ଏକତ୍ରିତ କରି ବିରୋଧ ପ୍ରଦର୍ଶନ ଆରମ୍ଭ କରି ଦେଉଥିଲା ।

ବିଭାଜନ ପୂର୍ବରୁ ଯେତେବେଳେ ଭାରତରେ ଇଂଗ୍ରେଜମାନଙ୍କ ରାଜତ୍ୱୀ ଥିଲା ସେତେବେଳେ ଆମ ବିରୋଧୀ ଅଫିସରମାନେ ଏହି ପ୍ରଚେଷ୍ଟା ଚଳାଇ ଥିଲେ ଯେ ହଜରତ ମୁସଲେହ ମଉଦ [ର.ଅ]ଙ୍କ ଅଭିଭାଷଣକୁ ଉତ୍ତେଜନା ପୂର୍ଣ୍ଣ ଦର୍ଶାଇ ଆପଣଙ୍କ ଉପରେ ଦୃଢ ପଦକ୍ଷେପ ଓ କଟକଣା ଲାଗୁ କରିବେ । କିନ୍ତୁ ପ୍ରତ୍ୟେକ ଥର ସେମାନେ ନିଜର ଏହି କାର୍ଯ୍ୟରେ ଅସଫଳ ରହୁଥିଲେ । ଆପଣ[ର.ଅ] ସର୍ବଦା ନିଜ ବିରୋଧୀ ଓ ପ୍ରଶାସନିକ ପଦାଧିକାରୀମାନଙ୍କୁ ସେମାନଙ୍କ ଅସଲ ଚେହେରା ଦେଖାଇ ଶେଷରେ ଜମାଅତକୁ ସମ୍ବୋଧନ କରି କହୁଥିଲେ ଯେ, ଅବତାରମାନଙ୍କ ଜମାଅତର କାର୍ଯ୍ୟ ଧୈର୍ଯ୍ୟ ରକ୍ଷା କରିବା ସହିତ ଦେଶୀୟ ଆଇନ୍‌ର ପାଳନ କରିବା ଅଟେ । ଯେତେବେଳେ ମଧ୍ୟ ବିପକ୍ଷ ପଦାଧିକାରୀମାନେ ଜମାଅତ ବିରୋଧରେ ଉଦ୍ୟମ କରୁଥିଲେ ସେତେବେଳେ ତାଙ୍କ ସମସ୍ତ କୁଯୋଜନା ପଣ୍ଡ ହୋଇ ଯାଉଥିଲା । ତେଣୁ ଏହା କିପରି ସମ୍ଭବ ଥିଲା ଯେ, ଆପଣ ଏପରି କୌଣସି କଥା କହିଥାନ୍ତେ ଯାହାକି ଇସଲାମ ଓ ହଜରତ ମସିହ ମଉଦ୍ [ଅ.ସ]ଙ୍କ ଶିକ୍ଷା ବିପରୀତ ଅଟେ ।

ହଜରତ ମସିହ ମଉଦ୍[ଅ.ସ] ତ ନିଜ ରଚନାର ଅସଂଖ୍ୟ ସ୍ଥାନରେ ଧୈର୍ଯ୍ୟ ରକ୍ଷା କରିବା ଓ ଦୁଆ କରିବା ପାଇଁ ଆହ୍ୱାନ ଦେଇ କହିଛନ୍ତି; **ଯେଉଁମାନଙ୍କ ପାଦ କୋମଳ ଏବଂ ଯେ ମୋ ସହିତ କଣ୍ଟକିତ ମାର୍ଗରେ ଆଗକୁ ଅଗ୍ରସର ହୋଇ ପାରିବେ ନାହିଁ, ସେମାନେ ନିଃସନ୍ଦେହ ରୂପେ ମୋତେ ଛାଡ଼ି ଚାଲିଯାନ୍ତୁ । ଅତଃ ଏହି ଧୈର୍ଯ୍ୟ ରକ୍ଷା କରିବା ଆଚରଣ ହିଁ ସମଗ୍ର ବିଶ୍ୱରେ ଜମାଅତର ଅନନ୍ୟତାକୁ ବଜାୟ ରଖିଛି ।**

ଅନେକ ସାମ୍ବାଦିକଙ୍କୁ ମୁଁ ଏହି ଉତ୍ତର ଦେଇଥାଏ ଯେ ଯେଉଁମାନେ ଆମକୁ କଷ୍ଟ ଦେଇଥାନ୍ତି, ଯେଉଁମାନେ ଅତ୍ୟାଚାର କରିଥାନ୍ତି । ସେହିମାନଙ୍କ ମଧ୍ୟରୁ ଅହେମଦି ମଧ୍ୟ ହୋଇଥାନ୍ତି ଏବଂ ତାଙ୍କ ପଛପଛେ ଆହୁରି କାହିଁ

କେତେ ଲୋକ ଆସିଥାନ୍ତି । ପରବର୍ତ୍ତୀ ସମୟରେ ସେମାନେ ସ୍ୱୟଂ ସାକ୍ଷ୍ୟ ଦେଇଥାନ୍ତି ଯେ ଆମ ସ୍ୱଭାବ ମଧ୍ୟ ସେମାନଙ୍କ ପରି ହିଁ ଥିଲା, ଆମେମାନେ ମଧ୍ୟ ସେହିପରି ପ୍ରତିକ୍ରିୟା ପ୍ରଦର୍ଶନ କରିପାରିଥାନ୍ତୁ କିନ୍ତୁ ଆମେ ଯୁଗାବତାରଙ୍କୁ ସ୍ୱୀକାର କଲୁ ଯେ ଶାନ୍ତି ପ୍ରତିଷ୍ଠା କରିବା ଓ ଅଲ୍ଲାଃତାଲାଙ୍କ କୃପାର ଉତ୍ତରାଧିକାରୀ ହେବା ସକାଶେ ଏହି ଶିକ୍ଷା ଦେଇଛନ୍ତି ଯେ, ତୁମେମାନେ ଶାନ୍ତିଶୃଙ୍ଖଳା ରକ୍ଷା କରିବ । ହଁ ଆଇନର ପରିସର ମଧ୍ୟରେ ରହି ନିଜ ଅଧିକାର ହାସଲ କରିବାରେ କୌଣସି ଅସୁବିଧା ନାହିଁ । ଅତଏବ ଏହା ସ୍ପଷ୍ଟ ହେବା ଉଚିତ୍ ଯେ ଏହା ଅବତାରମାନଙ୍କ ଆଚରଣ ଏବଂ ଏହା ହିଁ ଆମମାନଙ୍କୁ ହଜରତ ମସିହ ମଉଦ୍[ଅ.ସ] ଶିକ୍ଷା ଦେଇଛନ୍ତି ଯେ ଆମକୁ ଧୈର୍ଯ୍ୟ ରକ୍ଷା କରିବାକୁ ହେବ । ସେ ଯାହା ହେଉ ଏହି ଉତ୍ତରରେ ଲୋକ ଆଶ୍ଚର୍ଯିତ ମଧ୍ୟ ହୋଇଥାନ୍ତି ଏବଂ ପ୍ରୋତ୍ସାହିତ ମଧ୍ୟ କରିଥାନ୍ତି । ବାସ୍ତବରେ ଏହା ଶାନ୍ତିରେ ଜୀବନ ଅତିବାହିତ କରୁଥିବା ଲୋକମାନଙ୍କ ପ୍ରତିକ୍ରିୟା ଅଟେ ।

ଧୈର୍ଯ୍ୟ ରକ୍ଷା କରିବାକୁ ହଜରତ ମୁସଲେହ ମଉଦ[ର.ଅ] ଅତି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଦର୍ଶାଇଛନ୍ତି । ଆପଣ କୁହନ୍ତି; ଅବତାରମାନଙ୍କ ଜମାଅତର ଏହା ଅତି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଏବଂ ବିବିଧ କର୍ତ୍ତବ୍ୟ ମଧ୍ୟରୁ ସର୍ବପ୍ରଥମ କର୍ତ୍ତବ୍ୟ । ଯାହା ବ୍ୟତୀରେକ କୌଣସି ଜମାଅତ ଉନ୍ନତି କରିପାରି ନଥାଏ । ନା ସଂସାରକୁ ନିଜ ଅନୁସରଣ କରିବାକୁ ବିବଶ କରିପାରି ଥାଏ । ଏପରି କୌଣସି ଜମାଅତ ନାହିଁ ଯେ ନିଜ କର୍ତ୍ତବ୍ୟ ସମ୍ପାଦନ ନକରି ସଫଳତାର ସ୍ୱାଦ ଆସ୍ୱାଦନ କରି ନେଇଛି ।

ହଜରତ ମୁସଲେହ ମଉଦ[ର.ଅ] କୁହନ୍ତି; ଧୈର୍ଯ୍ୟ ରକ୍ଷା କରିବା ଦୁଇ କିସମର ଅଟେ । **ଗୋଟିଏ** ଏହିକି ଯେ ମନୁଷ୍ୟକୁ ପ୍ରତିକ୍ରିୟା ପ୍ରଦର୍ଶନ କରିବାର ସାମର୍ଥ୍ୟ ଥାଇ ମଧ୍ୟ ସେ ଧୈର୍ଯ୍ୟ ରକ୍ଷା କରେ । **ଦ୍ୱିତୀୟତଃ** ଜଣେ ସେତେବେଳେ ଧୈର୍ଯ୍ୟ ରକ୍ଷା କରିଥାଏ ଯେତେବେଳେ ତାହାର ମୁକାବିଲା କରିବାକୁ ସାମର୍ଥ୍ୟ ହିଁ ନଥାଏ । ଅର୍ଥାତ ହତାଶ ହୋଇ ଧୈର୍ଯ୍ୟ ରକ୍ଷା କରିବାକୁ ବାଧ୍ୟ ହୋଇଥାଏ । ସାମର୍ଥ୍ୟ ଥାଇ ମଧ୍ୟ ଧୈର୍ଯ୍ୟ ରକ୍ଷା କରିବା, ଅତ୍ୟାଚାରୀକୁ ଉତ୍ତର ନଦେବା ଓ ପ୍ରଭୁଙ୍କ ଖାତିର ଧୈର୍ଯ୍ୟର ପ୍ରଦର୍ଶନ କରିବା ଏବଂ ବିବଶତା ଯୋଗୁଁ ଧୈର୍ଯ୍ୟ ରକ୍ଷା କରିବା କି ସାମର୍ଥ୍ୟ ନଥାଇ ଆକାଶୀୟ ବିପତ୍ତିର ଶିକାର ହୋଇ ନଯାଏ ବରଂ ଅଲ୍ଲାଃଙ୍କ ପ୍ରୀତିଭାଜନ ଲାଭ କରିବା ଉଦ୍ଦେଶ୍ୟରେ ଧୈର୍ଯ୍ୟ ରକ୍ଷା କରିଥାଏ । ଅଲ୍ଲାଃତାଲା (ନିଜ ଧର୍ମବିଧାନର) ଅନେକ ସ୍ଥାନରେ ବିଶ୍ୱାସକାରୀଙ୍କୁ ଧୈର୍ଯ୍ୟ ରକ୍ଷା କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଅଲ୍ଲାଃତାଲାଙ୍କ ଆଦେଶାବଳୀକୁ ସମ୍ମୁଖରେ ରଖିଲେ ଧୈର୍ଯ୍ୟର ତିନୋଟି ଯଥାର୍ଥ ବୁଝା ପଡ଼ିଥାଏ । **ପ୍ରଥମ** ଅପକର୍ମରୁ ନିବୃତ୍ତ ରହିବା ଓ ନିଜକୁ ସେଥିରୁ ଦୂରେଇ ରଖିବା । **ଦ୍ୱିତୀୟ** ସତ୍‌କର୍ମ କରିବାରେ ଦୃଢତା ପ୍ରଦର୍ଶନ କରିବା । **ତୃତୀୟ** ବିଳାପ ଓ ରୁଷ୍ଟ ହେବାରୁ ବିରତ ରହିବା । ପ୍ରଥମ ଅର୍ଥ ଦୃଷ୍ଟିରୁ କ୍ରମାନ୍ୱୟ ଓ ଦୃଢତାର ସହିତ ସେହି ଅପକର୍ମରୁ ନିବୃତ୍ତ ରହିବା ଯାହାକି ମନୁଷ୍ୟକୁ ନିଜ ଆଡ଼କୁ ଆକର୍ଷିତ କରିଥାଏ ଏବଂ ସେହି ଅପକର୍ମ ପ୍ରତି ସତର୍କ ରହିବା ଯାହାକି ଭବିଷ୍ୟତରେ ମନୁଷ୍ୟକୁ ନିଜ ଆଡ଼କୁ ଆକର୍ଷିତ କରିପାରେ । ଦ୍ୱିତୀୟ ଅର୍ଥ ଅନ୍ତର୍ଗତ ସତ୍‌କର୍ମ କରିବାରେ ପ୍ରତିଷ୍ଠିତ ରହିବା ଯାହାକି ତାକୁ ସମ୍ପାଦନ କରିବାର ସୌଭାଗ୍ୟ ଲାଭ ହୋଇଛି ଏବଂ ସେହି ପୁଣ୍ୟକର୍ମ କରିବାକୁ ପ୍ରୟାସ କରିବା ଯାହାକି ଏପର୍ଯ୍ୟନ୍ତ ସୁଧା କରିବା ସମ୍ଭବ ହୋଇପାରି ନାହିଁ । ଏହା ମଧ୍ୟ ଏକ ପ୍ରକାର ଧୈର୍ଯ୍ୟ ଯାହାକି ଜଣକୁ ପରମେଶ୍ୱରଙ୍କ ସାନିଧ୍ୟ ଲାଭ କରାଇଥାଏ ଏବଂ ଏହି ନିକଟତା ଦୁଆ କରିବା ଦ୍ୱାରା ହିଁ ପ୍ରାପ୍ତ ହୋଇଥାଏ ।

ଅଲ୍ଲାଃତାଲା ପବିତ୍ର କୁରଆନରେ କୁହନ୍ତି; ଓସ୍‌ତଈନୁ ବିସ୍ ସବ୍‌ରେ ଓସ୍‌ସଲାଃ ଓଇନ୍ନହା ଲକବିରତୁନ୍ ଇଲ୍ଲା ଅଲ୍ ଖାଶିଈନ୍ ଅର୍ଥାତ ଏବଂ ଧୈର୍ଯ୍ୟ ଓ ଦୁଆ କରିବା ମାଧ୍ୟମରେ ଅଲ୍ଲାଃତାଲାଙ୍କ ଠାରୁ ସାହାଯ୍ୟ ଭିକ୍ଷା କର । ନିଃସନ୍ଦେହ ରୂପେ ଏହା ବିନମ୍ରତା ଅବଲମ୍ବନକାରୀଙ୍କ ବ୍ୟତୀତ ଅନ୍ୟମାନଙ୍କ ସକାଶେ କଷ୍ଟସାଧ୍ୟ । ଅଲ୍ଲାଃତାଲାଙ୍କ ଭୟ ରକ୍ଷାକାରୀ ଓ ବିନମ୍ରତା ଅବଲମ୍ବନକାରୀ ହିଁ ଏପରି (ଧୈର୍ଯ୍ୟ ଧାରଣ) କରିପାରି ଥାନ୍ତି । ଯାହାଙ୍କ ମୂଳ ଉଦ୍ଦେଶ୍ୟ ଅଲ୍ଲାଃତାଲାଙ୍କ ପ୍ରୀତିଭାଜନ ଲାଭ କରିବା ଅଟେ । ପୁନଶ୍ଚ କହିଲେ; ଓଲ୍ ଲଜିନା ସବରୁବ୍ ତିଗାଆ ଓଜ୍‌ହି ରବ୍‌ବହୁମ୍ ଓଅକାମୁସ୍ ସଲାତା ଓଅନ୍ ଫକୁମିମ୍ମା ରଜକ୍‌ନାହୁମ୍ ସିର୍‌ରଉଁ ଓଅଲାନିୟାତଉଁ ଓୟଦ୍‌ରଉନା ବିଲ୍‌ହସନତିସ୍ ସୈଇଅତା ଉଲାଇକା ଲହୁମ୍ ଉକ୍‌ବଦ୍ ଦାର୍ ଅର୍ଥାତ ଏବଂ ଯେଉଁମାନେ ନିଜ ପାଳନକର୍ତ୍ତାଙ୍କ ପ୍ରସନ୍ନତା ଲାଭ କରିବା ପାଇଁ ଧୈର୍ଯ୍ୟ ଧାରଣ କରନ୍ତି ଓ ସୁଚାରୁ ରୂପେ ନମାଜ ପାଠ କରନ୍ତି ଏବଂ ଆମ୍ଭେ ସେମାନଙ୍କୁ ଯାହା କିଛି ପ୍ରଦାନ କରିଛୁ ସେଥିରୁ ପ୍ରକାଶ୍ୟରେ ଓ ଗୋପନରେ ଆମ୍ଭ ମାର୍ଗରେ ବ୍ୟୟ କରନ୍ତି ତଥା ସତ୍‌କର୍ମ

ଦ୍ୱାରା ଅସତ୍ କର୍ମକୁ ଦୂର କରନ୍ତି । ସେମାନଙ୍କ ପାଇଁ ଏହି ଇହକାଳର ଉତ୍କୃଷ୍ଟ ପରିଣାମ ନିୟତ ରହିଛି । ସୁତରାଂ ସ୍ଥାୟୀତ୍ୱତା (ଅବିଚଳତା) ବିନମ୍ରତା ଓ କ୍ରମାଗତ ଭାବରେ ଦୁଆ କରି ଅଲ୍ଲାଃତାଲାଙ୍କ ପ୍ରସନ୍ନତା କାମନା କରିବାର ନାମ ଧୈର୍ଯ୍ୟ ଅଟେ । ଏହା ସେତେବେଳେ ସମ୍ଭବ ଯେତେବେଳେ ଆମେ ନିଜ ଅବସ୍ଥା ଅଲ୍ଲାଃତାଲାଙ୍କ ଇଚ୍ଛାନୁଯାୟୀ ଓ ତାହାଙ୍କ ପ୍ରଦତ୍ତ ଶିକ୍ଷା ଅନୁଯାୟୀ କରିନେବା । ତଦନୁରୂପ ନିଜ ଜୀବନ କାଳତିପାତ କରିବା ଏବଂ ଅଲ୍ଲାଃତାଲାଙ୍କ ପ୍ରୀତିଭାଜନ ଲାଭ କରିବା ଆମମାନଙ୍କର ମୂଳ ଉଦ୍ଦେଶ୍ୟ ପାଲଟି ଯିବ ।

ଶତ୍ରୁ ଏହି ଆଶା ବାନ୍ଧିଥାଏ ଯେ ଆମେ (ପ୍ରତିକ୍ରିୟା) ପ୍ରଦର୍ଶନ କଲେ ସେ ଆମ ଉପରେ ଅଧିକ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ । ଆମ ବ୍ୟବସ୍ଥା ଉପରେ କଟକଣା ଲଗାଇବ । ବର୍ତ୍ତମାନ କେତେକ ପ୍ରଶାସନିକ ପଦାଧିକାରୀ ଆମ ବିରୋଧୀମାନଙ୍କ ପିଠି ଥାପୁଡ଼ାଉଛନ୍ତି ତେବେ ଏପରି ଅବସ୍ଥାରେ ଆମ ପ୍ରତିକ୍ରିୟା ଦ୍ୱାରା ପରିସ୍ଥିତି ବିଗିଡ଼ି ଯାଇଥାଏ । ଜମାଅତର ଇତିହାସରେ ଏପରି କେତେକ ଘଟଣା ଘଟିଯାଇଛି ଯଦ୍ୱାରା ଜମାଅତକୁ କ୍ଷତି ସହ୍ୟ କରିବାକୁ ପଡ଼ିଥିଲା । କିନ୍ତୁ ଯେତେବେଳେ ଧୈର୍ଯ୍ୟ ଧରି ଅବସ୍ଥାକୁ ସାମାନ୍ୟ କରିବାକୁ ଚେଷ୍ଟା କରାଗଲା ସେତେବେଳେ ତାହାର ସୁଫଳ ମଧ୍ୟ ମିଳିଲା ଏବଂ କେତେକ ପଦାଧିକାରୀଙ୍କ ଉପରେ ସକାରାତ୍ମକ ପ୍ରଭାବ ମଧ୍ୟ ପଡ଼ିଲା । ଏହାର ଅପରପକ୍ଷେ ବିଦ୍ରୋହ ବିଶୃଙ୍ଖଳା ମୂଳକ ପ୍ରତିକ୍ରିୟା ଦ୍ୱାରା ଆମ ଜେରେ ତବଲିଗ୍ ବନ୍ଧୁମାନଙ୍କ ଉପରେ ଏହାର ନକରାତ୍ମକ ପ୍ରଭାବ ପଡ଼ିଥାଏ । ଏପରି ସ୍ଥଳେ ସେମାନେ ଏକଥା କହିବାର ଅଧିକାର ରଖିଥାନ୍ତି ଯେ, ହଜରତ ମସିହ ମଉଦ୍ ଅ.ସଙ୍କ ଆଗମନ ଦ୍ୱାରା କି ବିପ୍ଳବ ସୃଷ୍ଟି ହୋଇଛି ଯେ ଆମେ ତାଙ୍କ ଜମାଅତରେ ଅର୍ନ୍ତଭୁକ୍ତ ହୋଇଯିବୁ ? ସୁତରାଂ ଏକଥା ସ୍ମରଣ ରଖନ୍ତୁ ଯେ, ଜମାଅତର ସୁଦୀର୍ଘ ସୁଫଳ ଲାଭ କରିବା ନିମନ୍ତେ ଦୁଃଖକଷ୍ଟକୁ ଧୈର୍ଯ୍ୟର ସହିତ ସହ୍ୟ କରିବାର ଅଛି । ହଜରତ ମସିହ ମଉଦ୍ ଅ.ସ ଆମମାନଙ୍କୁ ଏହି ଶିକ୍ଷା ପ୍ରଦାନ କରିଛନ୍ତି ଯେ ଅନ୍ୟମାନଙ୍କ ଦୁଃଖକଷ୍ଟକୁ ଧୈର୍ଯ୍ୟର ସହିତ ସହ୍ୟ କରିନିଅ ।

ଆମ ପ୍ରିୟ ମୁନିବ ହଜରତ ମୁହମ୍ମଦ ସ.ଅଙ୍କ କାଳରେ ଅନେକ ଲୋକେ ହଜୁର ସ.ଅ ଓ ସାହାବାମାନଙ୍କ ଧୈର୍ଯ୍ୟ ରକ୍ଷାର ଆଚରଣ ଦେଖି ବିଶ୍ୱାସ ଆଣି ନେଇଥିଲେ । ଏପରି ଉଦାହରଣ ଆମମାନଙ୍କୁ ହଜରତ ମସିହ ମଉଦ୍ ଅ.ସଙ୍କ ଯୁଗରେ ମଧ୍ୟ ଦେଖିବାକୁ ମିଳୁଅଛି ଯେ, ଅନେକ ଲୋକ ଆପଣଙ୍କ ଧୈର୍ଯ୍ୟ ଓ ଉତ୍ତମ ଆଚରଣ ଦେଖି ଜମାଅତରେ ସାମିଲ ହୋଇଯାଉଥିଲେ ଏବଂ ଆଜି ମଧ୍ୟ ଏହି ଅବସ୍ଥା ଅପରିବର୍ତ୍ତିତ ରହିଛି । ହଜରତ ମସିହ ମଉଦ୍ ଅ.ସ କୁହନ୍ତି; ଆମ ଜମାଅତ ପାଇଁ ମଧ୍ୟ ସେହି ସବୁ ସମସ୍ୟା ନିୟତ ରହିଛି ଯାହା ହଜରତ ମୁହମ୍ମଦ ସ.ଅଙ୍କୁ ସହ୍ୟ କରିବାକୁ ପଡ଼ିଥିଲା । ମନେରଖ ! ଏପରି ସମସ୍ୟାର ଆସିବା ମଧ୍ୟ ଜରୁରୀ ଯଦ୍ୱାରା ପରମେଶ୍ୱରଙ୍କ ଉପରେ ବିଶ୍ୱାସ ସୁଦୃଢ଼ ହୋଇଥାଏ ଓ ଅନ୍ତରରେ ପବିତ୍ର ପରିବର୍ତ୍ତନ ସୃଷ୍ଟି ହୋଇଥାଏ । ମୁଁ ତୁମକୁ ଏକଥା ମଧ୍ୟ କହିରଖେ ଯେ ଅଲ୍ଲାଃତାଲା ଏହି ପ୍ରସଙ୍ଗର ଏପରି ସାହାଯ୍ୟ କରିଥାନ୍ତି ଯେ ଯଦି କୌଣସି ବ୍ୟକ୍ତି ଏହି ଜମାଅତର ହୋଇ ବରଦାସ୍ତ ଓ ଧୈର୍ଯ୍ୟ ରକ୍ଷା କରି ନଥାନ୍ତି ତେବେ ସେ ସ୍ମରଣ ରଖୁ ଯେ ସେ ବାସ୍ତବପକ୍ଷେ ଏହି ଜମାଅତରେ ଅନ୍ତର୍ଭୁକ୍ତ ନାହିଁ । ସୁତରାଂ ନିଜ ମାମଲା ପ୍ରଭୁଙ୍କ ଅଧୀନ କରିଦିଅ । ଗାଳିଗୁଲଜ ଶୁଣି ମଧ୍ୟ ଚୁପ ରୁହ । ଦେଖ ଯେତେବେଳେ ମୁଁ ସ୍ୱୟଂ ଧୈର୍ଯ୍ୟ ରକ୍ଷା କରୁଅଛି ତେବେ ତୁମେ କାହିଁକି ବା କରିବ ନାହିଁ ।

ଆଜି ବିଶ୍ୱର ସମସ୍ତ ପ୍ରାନ୍ତରେ ହଜରତ ମସିହ ମଉଦ୍ ଅ.ସଙ୍କ ବାର୍ତ୍ତା ପହଂଚି ଯାଇଛି ଏବଂ ଆମ ଜମାଅତ ଦୃଢତାର ସହିତ ସ୍ଥାପନ ହୋଇଯାଇଛି । **କ'ଣ ଏହା କୌଣସି ପ୍ରତିକ୍ରିୟା ଅଥବା ଶକ୍ତି ପ୍ରଦର୍ଶନ ଦ୍ୱାରା ସମ୍ଭବ ହୋଇଛି ନା ବରଂ ଏସବୁ ବଳିଦାନ, ଧୈର୍ଯ୍ୟ ରକ୍ଷା ଓ ଦୁଆ କରିବାର ପରିଣାମ ଅଟେ ? ସୁତରାଂ ଆମମାନଙ୍କୁ ଧୈର୍ଯ୍ୟ ଧାରଣ ମୂଳକ ଆଚରଣ ପ୍ରଦର୍ଶନ କରିବାକୁ ହେବ ।**

ହଜରତ ମସିହ ମଉଦ୍ ଅ.ସ କୁହନ୍ତି; ହଜରତ ମୁସା ଅ.ସଙ୍କ ଗୋଷ୍ଠୀ ତାଙ୍କୁ ସଙ୍ଗେସଙ୍ଗେ ସ୍ୱୀକାର କରି ନେଇଥିଲା, ତେଣୁ ତାଙ୍କୁ ନିଜ ଗୋଷ୍ଠୀ ତରଫରୁ କୌଣସି ଦୁଃଖକଷଣ ସହ୍ୟ କରିବାକୁ ପଡ଼ି ନଥିଲା । ଅପରପକ୍ଷେ ହଜରତ ମୁହମ୍ମଦ ସ.ଅଙ୍କୁ ନିଜ ଗୋଷ୍ଠୀର ଲୋକମାନେ ଅସ୍ୱୀକାର ଓ ଦୁଃଖଯନ୍ତ୍ରଣା ସହ୍ୟ କରିବାକୁ ପଡ଼ିଥିଲା ଏବଂ ଆପଣ ସ.ଅଙ୍କୁ ଏହି ସମସ୍ୟା ଦୀର୍ଘ ୧୩ ବର୍ଷ ପର୍ଯ୍ୟନ୍ତ ବରଦାସ୍ତ କରିବାକୁ ପଡ଼ିଥିଲା । କିନ୍ତୁ ପରମେଶ୍ୱରଙ୍କ ନିକଟରୁ ଆପଣ ସ.ଅଙ୍କୁ ଧୈର୍ଯ୍ୟ

ଧାରଣ କରିବା ଓ ଅବିଚଳତା ପ୍ରଦର୍ଶନ କରିବାର ନିର୍ଦ୍ଦେଶ ଦିଆଯାଇଥିଲା । ବାରମ୍ବାର ଏହି ଆଦେଶ ମିଳୁଥିଲା ଯେପରି ପୂର୍ବ ନବୀମାନେ ଧୈର୍ଯ୍ୟ ରକ୍ଷା କରୁଥିଲେ ତୁମେ ମଧ୍ୟ ସେହିପରି କର । ସୁତରାଂ ଆପଣ[ସ.ଅ] କଦାପି ନିସ୍ତେଜ ପଡ଼ିଯାଇ ନଥିଲେ ବରଂ ସର୍ବଦା ନିଜ ପାଦ ଆଗକୁ ବଢାଇ ଚାଲିଥିଲେ ।

ଜଣେ ଅହେମଦି କୌଣସି ଏକ ଗ୍ରାମରେ ହଜରତ ମସିହ ମଉଦ୍ [ଅ.ସ]ଙ୍କ ସେବାରେ ଉପସ୍ଥିତ ହେଲେ ଏବଂ କହିଲେ; ଆମ ଗ୍ରାମର ମଦ୍ରାଶାର ମୌଲବୀ ସାହେବ ଆମର ଭୀଷଣ ବିରୋଧୀ ଅଟେ । ସେ ମୋତେ ବହୁତ ନିର୍ଯ୍ୟାତନା ଦେଉଛି, ହଜୁର ମୋ ପାଇଁ ଦୁଆ କରନ୍ତୁ ଯେ ଅଲ୍ଲାଃତାଲା ତା'ର ବଦଳି ଅନ୍ୟସ୍ଥାନକୁ କରିଦିଅନ୍ତୁ । ଏଥିରେ ଆପଣ ସ୍ମିତହାସ୍ୟ ପ୍ରକାଶ କରି କହିଲେ; ଏହି ଜମାଅତରେ ଯେତେବେଳେ ତୁମେ ସାମିଲ ହୋଇଛ ସେତେବେଳେ ଏହାର ନୀତିଶିକ୍ଷାର ପାଳନ କର । ଯଦି କଷ୍ଟ ସହ୍ୟ କରିବ ନାହିଁ ତେବେ ପୁଣ୍ୟ କିପରି ଅର୍ଜନ କରିବ । ଦେଖ ଆମ ପ୍ରିୟ ମୁନିବ ହଜରତ ମୁହମ୍ମଦ[ସ.ଅ] ୧୩ବର୍ଷ ପର୍ଯ୍ୟନ୍ତ ଦୁଃଖକଷଣ ସହ୍ୟ କଲେ କିନ୍ତୁ ନିଜ ଅନୁଗାମୀମାନଙ୍କୁ ଧୈର୍ଯ୍ୟ ରକ୍ଷା କରିବାର ହିଁ ଶିକ୍ଷା ଦେଉଥିଲେ । ଅଲ୍ଲାଃତାଲା ଏହା ମନସ୍ଥ କରିଛନ୍ତି ଯେ, ଏହି ପବିତ୍ର ଜମାଅତକୁ ସମଗ୍ର ବିଶ୍ୱରେ ପରିବ୍ୟାପ୍ତ କରିଦେବେ ଏବଂ ଏତଦ୍ ଦ୍ୱାରା ପ୍ରଭୁ ତୁମମାନଙ୍କୁ ଧୈର୍ଯ୍ୟ ରକ୍ଷା କରିବାର ଶିକ୍ଷା ଦେବାକୁ ଚାହୁଁଛନ୍ତି । କିଛି କାଳ ଧୈର୍ଯ୍ୟ ଧରି ଦେଖିବ ଯେ ତୁମକୁ ଦୁଃଖ ଓ ନିର୍ଯ୍ୟାତନା ଦେଉଥିଲା ବ୍ୟକ୍ତି ଉକ୍ତ କର୍ମରୁ ନିବୃତ୍ତ ହୋଇଯାଇଛି ଅଥବା ତାହାର ବିନାଶ ହୋଇଯାଇଛି । ଅଲ୍ଲାଃତାଲା କୁହନ୍ତି; *ଧୈର୍ଯ୍ୟ ରକ୍ଷାକାରୀଙ୍କୁ ଏପରି ଅସରନ୍ତି ପୁରସ୍କାର ଲାଭ ହୋଇଥାଏ ଯାହାର କଳନା ମଧ୍ୟ କରାଯାଇ ନପାରେ । ପୁନଶ୍ଚ କହିଲେ; ସାଂସାରିକ ଲୋକମାନେ ସାଧନ ଉପରେ ଭରଷା କରିଥାନ୍ତି କିନ୍ତୁ ପ୍ରଭୁଙ୍କୁ କେହି ବିବଶ କରି ପାରିବେ ନାହିଁ । ଅତଃ ନିଜ ଅମଳ ପରିଷ୍କାର ରଖ ଏବଂ ଅବହେଳା ପ୍ରଦର୍ଶନ କର ନାହିଁ । ମନେରଖ ଅବହେଳା ପ୍ରଦର୍ଶନକାରୀ ଶୈତାନର ଶିକାର ହୋଇଯାଇଥାଏ । କ୍ଷମା ଯାଚନାକୁ ସର୍ବଦା ଉଜ୍ଜୀବିତ ରଖ ଯଦ୍ଦ୍ୱାରା ତାହା ନିରର୍ଥକ ସାବ୍ୟସ୍ତ ହୋଇ ନଯିବ । ନିର୍ମଳ କ୍ଷମା ଯାଚନା ଉତ୍କୃଷ୍ଟତମ ବୀଜ ପରି ଯାହାକି ଉଚିତ୍ ସମୟରେ ହିଁ (ସୁସ୍ୱାଦ) ଫଳ ପ୍ରଦାନ କରିଥାଏ । ଆମେ ତ ଅଲ୍ଲାଃତାଲାଙ୍କ ନିକଟରୁ ଧୈର୍ଯ୍ୟ ରକ୍ଷା କରିବା ସକାଶେ ନିର୍ଦ୍ଦେଶିତ । ତୁମେ ଏମାନଙ୍କ ପାଇଁ ଦୁଆ କର ଯେ ପ୍ରଭୁ ଏମାନଙ୍କୁ ମଧ୍ୟ ସତ୍‌ପଥରେ ପରିଚାଳିତ କରାନ୍ତୁ । ଅତଏବ ଆମର ମଧ୍ୟ ଏହା କର୍ତ୍ତବ୍ୟ ଯେ ଆମେମାନେ ଆପଣଙ୍କ ପଦାଙ୍କ ଅନୁସରଣ କରିବା ।*

ପୁନଶ୍ଚ ଆପଣ କୁହନ୍ତି; ଆମର ବିଜୟ ହେବାର ଏକମାତ୍ର ଅସ୍ତ୍ର ହେଉଛି କ୍ଷମା ଯାଚନା, ନିଜ କଳାକର୍ମ ଯୋଗୁଁ ଅନୁତପ୍ତ ହେବା, ଧାର୍ମିକ ଜ୍ଞାନ ଆହରଣ କରିବା, ଅଲ୍ଲାଃତାଲାଙ୍କ ଶ୍ରେଷ୍ଠତା (ଭବ୍ୟତା)କୁ ନିଜ ସମ୍ମୁଖରେ ରଖିବା ଏବଂ ପାଂଚ ବେଳା ସୁଚାରୁ ରୂପେ ନମାଜ ପାଠ କରିବା । ସୁତରାଂ ଏସବୁ ସେହି ହିତୋପଦେଶ ଯାହାକି ଆମ ସଫଳତା ଓ ଉନ୍ନତି କରିବାର ମୂଳମନ୍ତ୍ର । ଯଦି ଆମେମାନେ ସଠିକ ରୂପେ ହଜରତ ମସିହ ମଉଦ୍ [ଅ.ସ]ଙ୍କ ଅମୂଲ୍ୟ ଉପଦେଶାବଳୀର ପାଳନ କରିବା ପ୍ରତି ଧ୍ୟାନ କେନ୍ଦ୍ରୀତ କରିବା ତେବେ ଆମର ସଫଳତା ଅବଶ୍ୟମ୍ଭାବୀ । ଆମକୁ ସୁନିଶ୍ଚିତ ରୂପେ ସଫଳତା ପ୍ରାପ୍ତ ହେବ । ଯଦି ପ୍ରତ୍ୟେକ ଅହେମଦି ନିଜ ମୂଲ୍ୟବୋଧ ଓ କର୍ତବ୍ୟକୁ ବୁଝିନିଅନ୍ତି ତେବେ ଅନେକ ସମସ୍ୟାର ସମାଧାନ ଆମ ଆଚରଣ ଓ ଦୁଆ କରିବା ଫଳରେ ହିଁ ହୋଇଯିବ । ଅଲ୍ଲାଃତାଲା ଆମମାନଙ୍କୁ ଧୈର୍ଯ୍ୟ ରକ୍ଷା କରିବା ଓ ଦୁଆ କରିବାକୁ ସାମର୍ଥ୍ୟ ପ୍ରଦାନ କରନ୍ତୁ ଏବଂ ନିଜ ପ୍ରସନ୍ନତା ପ୍ରାପ୍ତି ନିମନ୍ତେ ଏହିସବୁ ମୂଲ୍ୟବାନ ଉପଦେଶାବଳୀ ମୁତାବକ କାର୍ଯ୍ୟାନୁସରଣ କରିବାକୁ ଶକ୍ତି ପ୍ରଦାନ କରନ୍ତୁ । ଆମିନ୍ ।

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ଓ୍ୱ ନସ୍‌ତଇନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଇୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ କୁର୍‌ବା ଓ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉୟ୍‌କୁରୁଲ୍ଲାହା ୟ୍ୟକୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲୟିକ୍‌ରୁଲ୍ଲାହି ଅକ୍‌ବର୍ ।

Khulasa Khutba Juma Huzoor Anwar a.b.a
28th April 2023